ପର୍ଯ୍ୟବେକ୍ଷକ
ମହାନଗର

ଓଡ଼ିଶାରେ ଲୌହ ଇସ୍ପାତ ପ୍ରକଳ୍ପ

ଭୁବନେଶ୍ୱର (ପିଏନ୍): ଭାରତରେ ଓଡ଼ିଶା ଅନ୍ୟତମ ପ୍ରମୁଖ ଲୌହ ଇସ୍ପାତ ପ୍ରକଳ୍ପକୁ ନେଇ ବିଭିନ୍ନ ଯୋଜନା କାର୍ଯ୍ୟ କରୁଥିବା ରାଜ୍ୟ ଭିତରେ ଅନ୍ୟତମ। ଭାରତରେ ୨୦୨୦ ସୁଦ୍ଧା ପାଖାପାଖି ୧୨୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ସକାଶେ ଯୋଜନା କରାଯାଇଥିବାବେଳେ ସଂପ୍ରତି ଏହାର ୬୦ ନିୟୁତ ଟନ୍‌ର ଉତ୍ପାଦନ କ୍ଷମତା ରହିଛି। ସୂଚନାଯୋଗ୍ୟ ସମଗ୍ର ବିଶ୍ୱରେ ଗଚ୍ଛିତ ଥିବା ଲୁହାପଥରରୁ ଭାରତରେ ୩.୫ ପ୍ରତିଶତ ମାଙ୍ଗାନିଜ ରହିଥିବାବେଳେ ୨ ପ୍ରତିଶତ କ୍ରୋମାଇଟ ରହିଛି। ସେହିପରି ୬ ପ୍ରତିଶତ ଲୁହାପଥର ରହିଛି। ସୂଚନାପ୍ରାପ୍ତ ତଥ୍ୟ ଅନୁଯାୟୀ ଭାରତରେ ଲୁହାପଥର ୧,୩୭,୦୦ ନିୟୁତ ଟନ୍ କ୍ରୋମାଇଟ ୧୯୦ ନିୟୁତ ଟନ୍ ଓ ମାଙ୍ଗାନିଜ ୧୭୬ ନିୟୁତ ଟନ୍ ଗଚ୍ଛିତ ରହିଛି। ସମଗ୍ର ଭାରତରେ ୨୧୫ ବିଲିୟନ ଟନ୍ କୋଇଲା ଗଚ୍ଛିତ ରହିଥିବାବେଳେ ଅଧିକାଂଶ କୋଇଲାରେ ପାଉଁଶ ଅଂଶ ଅଧିକ ଭାଗ ରହିଥିବାରୁ ତାହାକୁ ଅଣ କୋକିଂ କୋଲ ଶ୍ରେଣୀର ମାନ୍ୟତା ମିଳିଛି। ଓଡ଼ିଶାର ଯାଜପୁର ଜିଲ୍ଲାର ସୁକିନ୍ଦା ଅଞ୍ଚଳରେ ଷ୍ଟେନ୍‌ଲେସ୍ ଷ୍ଟିଲର ମୁଖ୍ୟ ପ୍ରସ୍ତୁତି ଉପାଦନ ଭାବେ ପରିଚିତ ନିକେଲ୍ ଗଚ୍ଛିତ ରହିଛି। ଏହି ଶିଳ୍ପ ପ୍ରାଧାନ୍ୟ ଜିଲ୍ଲାର ଇସ୍ପାତ ପ୍ରକଳ୍ପକୁ ତ୍ୱରାନ୍ୱିତ ପାଇଁ ସ୍ଥାନୀୟ ବିଧାନସଭା ସଦସ୍ୟ ତଥା ବିଜେଡ଼ିର ବରିଷ୍ଠ ନେତା ପ୍ରଫୁଲ୍ଲ ଘଡ଼ାଇ ଓ ରାଜ୍ୟ ଇସ୍ପାତ ଖଣିମନ୍ତ୍ରୀ ରଜନୀକାନ୍ତ ସିଂହ ବିଭିନ୍ନ ଯୋଜନା ହାତକୁ ନେବା ସହ ରାଜ୍ୟରେ ଲୌହ ଇସ୍ପାତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାରେ ସକ୍ଷମ ହୋଇଛନ୍ତି।

ଓଡ଼ିଶାରେ ବିଶେଷକରି ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଅଞ୍ଚଳରେ ବିପୁଳ ଲୁହାପଥର ଖଣି ରହିଛି। ମୟୂରଭଞ୍ଜ ଜିଲ୍ଲାରେ ଗଚ୍ଛିତ ଥିବା ଲୁହାପଥରକୁ ବିନିଯୋଗ କରିବା ଲକ୍ଷ୍ୟରେ ଜାମସେଦପୁର ଠାରେ ଟାଟା ପକ୍ଷରୁ ଇସ୍ପାତ କାରଖାନା ସ୍ଥାପନ କରାଯାଇଥିଲା। ସେହିପରି ରାଉରକେଲାଠାରେ ଭାରତୀୟ ଇସ୍ପାତ ପ୍ରାଧିକରଣ ପକ୍ଷରୁ ଏକ ବୃହତ୍ ଇସ୍ପାତ କାରଖାନା ଗଢ଼ି ଉଠିଛି। ତେବେ ଆମ ରାଜ୍ୟରୁ ଉତ୍ପାଦିତ ବିପୁଳ ଲୁହାପଥର ରାଉଲକେଲା ଇସ୍ପାତ କାରଖାନାରେ ବ୍ୟବହାର ପାଇଁ ସମ୍ଭବ ହୋଇପାରୁନଥିବାରୁ ତାହା ବିଦେଶକୁ ରପ୍ତାନୀ କରାଯାଉଛି। କିନ୍ତୁ ଏହି ଲୁହାପଥରକୁ ମୂଲ୍ୟଯୁକ୍ତ କରିବା ସକାଶେ ସରକାରୀସ୍ତରରେ ବିଧିବଦ୍ଧ ନିଷ୍ପତ୍ତି ନେବା ପରେ ସଂପ୍ରତି ବହୁ ନାମୀଦାମୀ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ କମ୍ପାନୀ ରାଜ୍ୟରେ ଇସ୍ପାତ କାରଖାନା ସ୍ଥାପନ ପାଇଁ ଧାଡ଼ି ଲଗାଇଛନ୍ତି। ଏଥି ମଧ୍ୟରୁ ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ପୋସ୍କୋ ଇଣ୍ଡିଆ, ଜିନ୍ଦଲ ଷ୍ଟିଲ୍‌ନେସ୍ ଓ ଆର୍ସେଲର ମିତ୍ତଲ ପ୍ରଭୃତି ଅନ୍ୟତମ। ରାଜ୍ୟ ସରକାର ୪୯ଟି ବୁଝାମଣା ପତ୍ର କେବଳ ଇସ୍ପାତ ପ୍ରକଳ୍ପ ପାଇଁ ସ୍ୱାକ୍ଷରିତ କରିଛନ୍ତି। ଯାହାର ବାର୍ଷିକ ୮୧,୩୨ ନିୟୁତ ଟନ୍ ଉତ୍ପାଦନର ଲକ୍ଷ୍ୟ ରଖି ଏହି ପ୍ରକଳ୍ପ ପାଇଁ ୧,୯୮,୧୪୯, ୪୦ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ରହିଛି। ରାଜ୍ୟରେ ଲୌହ ଇସ୍ପାତ ପ୍ରକଳ୍ପ ସ୍ଥାପନ ପାଇଁ ଯେଉଁ ପ୍ରମୁଖ କମ୍ପାନୀ ଧାଡ଼ି ଲଗାଇଛନ୍ତି ସେଥିମଧ୍ୟରୁ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ, ଆରତୀ ଷ୍ଟିଲ୍‌ସ ଲିମିଟେଡ୍, ଆଧୁନିକ ମେଟାଲିକ୍ସ, ନରଭରମ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ୍, ଦେଇ ମାଇନ୍ସ ଆଣ୍ଡ ମିନେରାଲସ୍ ଲିମିଟେଡ୍, ଭିସା ଷ୍ଟିଲ ଲିମିଟେଡ୍, ଏସଏମସି ପାୱାର ଜେନେରେସନ ଲିମିଟେଡ୍, ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ, ଓଡ଼ିଶା ସ୍ପଞ୍ଜ ଆଇରନ ଆଣ୍ଡ ଷ୍ଟିଲ ଲିମିଟେଡ, ଏସପିଏସ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ, ମାହେଶ୍ୱରୀ ଇସ୍ପାତ ଲିମିଟେଡ, ମନେଟ ଇସ୍ପାତ ଆଣ୍ଡ ଏନର୍ଜି ଲିମିଟେଡ, ଏମଏଏଲ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ମୈଥାନ ଇସ୍ପାତ), ଶ୍ରୀ ମେଟାଲିକ୍ସ ଲିମିଟେଡ, ଏମଏସପି ମେଟାଲିକ୍ସ ଲିମିଟେଡ, ଆକ୍ୱନ ଇସ୍ପାତ ଆଣ୍ଡ ପାୱାର ଲିମିଟେଡ, ପଟ୍ଟନାୟକ ଷ୍ଟିଲ ଆଣ୍ଡ ଆଲୟଜ ଲିମିଟେଡ, ରଥ ଉଦ୍ୟୋଗ ଲିମିଟେଡ, ବିରାଜ ଷ୍ଟିଲ ଆଣ୍ଡ ଏନର୍ଜି ଲିମିଟେଡ, ଦୀପକ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ, କୋଣାର୍କ ଇସ୍ପାତ ଲିମିଟେଡ, ବିଆରଜି ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ (ପ୍ରା) ଲିମିଟେଡ, ଜୈନ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ, ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ରୁଙ୍ଗଟା ମାଇନ୍ସ ଲିମିଟେଡ, ବ୍ରାଣ୍ଡ ଆଲୟଜ ଲିମିଟେଡ, ଇଷ୍ଟର୍ଣ୍ଣ ଷ୍ଟିଲ୍‌ସ୍ ଆଣ୍ଡ ପାୱାର ଲିମିଟେଡ, ଜୟ ବାଲାଜୀ ଜ୍ୟୋତି ଷ୍ଟିଲ୍‌ସ ଲିମିଟେଡ, ଟାଟା ଷ୍ଟିଲ ଲିମିଟେଡ, ଷ୍ଟେରଲାଇଟ ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ ଲିମିଟେଡ, ଏସାର ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ, ଭୂଷଣ ଷ୍ଟିଲ ଲିମିଟେଡ, ୱେଲସ୍ପନ୍ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ, ଉତ୍ତମ ଗାଲଭା ଷ୍ଟିଲସ୍ ଲିମିଟେଡ, ଆର୍ସେଲର ମିତ୍ତଲ ଇଣ୍ଡିଆ ଲିମିଟେଡ, ଏସଏସ୍‌ଏଲ ଏନର୍ଜି ଲିମିଟେଡ, ଏମଜିଏମ୍ ଷ୍ଟିଲ୍‌ସ ଲିମିଟେଡ, ସୁରେନ୍ଦ୍ର ମାଇନିଂ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ, କ୍ରାକର୍ସ ଇଣ୍ଡିଆ ଲିମିଟେଡ, ବ୍ରାହ୍ମଣୀ ରିଭର ପେଲେଟ୍‌ସ ଲିମିଟେଡ, ପ୍ରଧାନ ଷ୍ଟିଲ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ, ଟେକ୍‌ଟନ ଇସ୍ପାତ ପ୍ରାଇଭେଟ ଲିମିଟେଡ, ଆଥା ମାଇନ୍ସ ପ୍ରାଇଭେଟ ଲିମିଟେଡ, ଆମଟେକ ମେଟାଲ ଆଣ୍ଡ ମାଇନିଂ ଲିମିଟେଡ ଆଦି ଅନ୍ତର୍ଭୁକ୍ତ। ଏମାନଙ୍କ ମଧ୍ୟରୁ କେତେକ କମ୍ପାନୀର ପ୍ରକଳ୍ପ ସ୍ଥାପନ ହୋଇ ଉତ୍ପାଦନ ଆରମ୍ଭ ହୋଇସାରିଥିବାବେଳେ ଆଉ କେତେକ ପ୍ରକଳ୍ପ ନିର୍ମାଣଧୀନ ରହିଛି ଏବଂ ଅବଶିଷ୍ଟ ପ୍ରକଳ୍ପଗୁଡ଼ିକର କାମ ବିଭିନ୍ନ ପର୍ଯ୍ୟାୟରେ ରହିଛି। ଓଡ଼ିଶାରେ ପ୍ରମୁଖ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ବିଜେଡ଼ି ରାଜନୀତିର ଅନ୍ୟତମ ପ୍ରତିଷ୍ଠାତା କର୍ଣ୍ଣଧାର ତଥା ଶିଳ୍ପମନ୍ତ୍ରୀ ଦେବୀ ମିଶ୍ରଙ୍କ ଅବଦାନ ଅତୁଳନୀୟ। ତାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୱରାନ୍ୱିତ ରାଜ୍ୟରେ ବିଶେଷକରି ଶିଳ୍ପ ଏନ୍‌କ୍ଲେଭ ପ୍ରତିଷ୍ଠା ସମ୍ଭବ ହୋଇପାରୁଛି। ତେବେ ଏ ପରିସ୍ଥିତିରେ କେନ୍ଦ୍ର ରାଜନୀତି ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକା ବି ପ୍ରଶଂସନୀୟ। ତାଙ୍କ ଦୂର ଦୃଷ୍ଟି ଓ ନିଜ ମାଆ, ମାଟି, ଜନ୍ମକ୍ଷେତ୍ରର ଅବଦାନକୁ ଉଲ୍ଲେଖ ରଖି ଓଡ଼ିଶା ପାଇଁ ଶିଳ୍ପ ପ୍ରଗତିର ଯେଉଁ ଭାବନା ରଖିଛନ୍ତି ତାହା ଓଡ଼ିଶାର ଶିଳ୍ପ ପ୍ରଗତି ପାଇଁ ନିଶ୍ଚିନ୍ତ ଭାବେ ମାଇଲଷ୍ଟୋନ୍ କହିଲେ ଅତ୍ୟୁକ୍ତି ହେବନାହିଁ।

ରାଜ୍ୟ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ ହେଉଛି ଶିଳ୍ପ। ଶିଳ୍ପ ପାଇଁ ଶିଳ୍ପାଞ୍ଚଳ ଓ ଶିଳ୍ପ ପାଇଁ ବିକାଶ କରିବା ଲାଗି ଆବଶ୍ୟକଭିତ୍ତିଭୂମି, ସଡ଼କ ଜଳଯୋଗାଣ, ଶକ୍ତି ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇବା ଇଡ଼କୋର ମୁଖ୍ୟ କାର୍ଯ୍ୟବୋଲି ରାଜ୍ୟର ଶିଳ୍ପ ବିକାଶ ପାଇଁ ପ୍ରମୁଖ ବିନ୍ଧାଣୀ ଭାବେ ତ୍ୱରାନ୍ୱିତ କରୁଥିବା ଇଡ଼କୋର ଅଧ୍ୟକ୍ଷ କୁହନ୍ତି। ତାଙ୍କ ସୂଚନା ଅନୁଯାୟୀ ରାଜ୍ୟରୁ ୧୦୦ରୁ ଅଧିକ ଶିଳ୍ପାଞ୍ଚଳର ପରିଚାଳନା ଦାୟିତ୍ୱ ଇଡ଼କୋ ଅଧୀନରେ ରହିଛି। ଏପର୍ଯ୍ୟନ୍ତ ପଚାଶ ହଜାର ଏକରରୁ ଅଧିକ ଜମି ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଗାଇ ଦିଆଯିବା ସହ ଶିଳ୍ପପାର୍କ ଓ ଶିଳ୍ପାଞ୍ଚଳ ବିକାଶ କ୍ଷେତ୍ରରେ ଇଡ଼କୋ ଆଖି ଦୃଶିଆ ସଫଳତା ଲାଭ କରିଛି। ସାମାଜିକ ନିରାପତ୍ତା କ୍ଷେତ୍ରରେ ଇଡ଼କୋ ଗତ ଆର୍ଥିକ ବର୍ଷରେ ମୁଖ୍ୟ ମନ୍ତ୍ରୀଙ୍କ ରିଲ୍‌ଫ ଫଣ୍ଡକୁ ତେରକୋଟି ଟଙ୍କା ପ୍ରଦାନ କରିଛି। କେବଳ ସେତିକି ନୁହେଁ ସୁଦକ୍ଷ ବ୍ୟୁରୋକ୍ରାଫ୍‌ଟ ପ୍ରଦୀପ ଜେନାଙ୍କ ତତ୍ତ୍ୱାବଧାନରେ ରାଜ୍ୟର ଶିଳ୍ପ ବିକାଶ, ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଏବଂ ଶିଳ୍ପାଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେବା ସହ ସେହିପରି ଇସ୍ପାତ, ଆଲୁମିନା, ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି ଓ ହାଡ଼ୱାର ଉତ୍ପାଦ ଭଳି ବିକଶିତ କ୍ଷେତ୍ରରେ ମଧ୍ୟ ଅଧିକ ଯୋଜନା ହାତକୁ ନେଉଛି। ସେହିପରି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଓଡ଼ିଶାରେ ଶିଳ୍ପ ଓ ତାପଜ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ପ୍ରାୟ ଚାଳିଶ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିବାକୁ ଲକ୍ଷ୍ୟ ରଖିବା ସହିତ ସମନ୍ୱିତ ଶକ୍ତି ପ୍ରକଳ୍ପ ଓ କୋଇଲାରୁ ତୈଳ ଉତ୍ପାଦନ ପରି ଅନ୍ୟ ପ୍ରକଳ୍ପମାନ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ସମ୍ପର୍କରେ ଜେଏସ୍‌ପିଏଲର ନିର୍ଦ୍ଦେଶକ ଦୀନେଶ ସରୋଗୀ ସୂଚନା ଦିଅନ୍ତି। ରାଜ୍ୟରେ ଶିଳ୍ପ ପ୍ରଗତିରେ ଲୌହ ଇସ୍ପାତ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରୀ ପ୍ରୋତ୍ସାହନ ସହ ଜମି ଅଧିଗ୍ରହଣ କ୍ଷେତ୍ରରେ ସ୍ଥାନୀୟ ଅଧିବାସୀଙ୍କ ସହଭାଗିତା ରାଜ୍ୟର ଶିଳ୍ପ ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ସକ୍ଷମ ହେବ ଏହା ଯେ କେହି ବି ସ୍ୱୀକାର କରିବେ।

ବାଦଲ ଭୂୟାଁ, ୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭ଏକ୍ସଟେନ୍‌ସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ: ୯୨୦୪୬୫୨୦୬୫, ୯୧୭୪୮୮୯୯୮୫୩୨

ଭାରତରେ ଶିକ୍ଷାର ନବଦିଗନ୍ତ ଓ ନରେନ୍ଦ୍ର ମୋଦି ସରକାର

ଭୁବନେଶ୍ୱର (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପମାନ ନେଉଥିବା ବେଳେ ଶିକ୍ଷା କ୍ଷେତ୍ରରେ ବି ବୈପ୍ଳବିକ ଆଭିମୁଖ୍ୟମାନ ଗ୍ରହଣ କରିଛନ୍ତି। ଡିଜିଟାଲ ଲାଇବ୍ରେରୀ ପ୍ରତିଷ୍ଠା, ବୈଷୟିକ ଶିକ୍ଷା ସକାଶେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମେଧାବୃତି ପ୍ରଦାନ, ଗ୍ରାମ ସହ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଯୋଡ଼ିବା ପରି ପଦକ୍ଷେପମାନ ସରକାର ନେଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ସରକାର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ନୂଆ ନୂଆ ପଦକ୍ଷେପମାନ ନେଇଛନ୍ତି ଯାହାକି ଏକ ବିଶାଳ ପରିବର୍ତ୍ତନର ସ୍ୱରୂପ ପ୍ରଦାନ କରୁଛି। ଆର୍ଥିକ ଦିଗଗୁଡ଼ିକୁ ଅବଲୋକନ କରି ସରକାର ଏହି ସବୁ ନୂଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଶେଷ କରି ସୂଚନା ପ୍ରଯୁକ୍ତିକୁ ଆଧାର କରି ଏହି ନୂଆ ଯୋଜନା କରାଯାଉଛି।

ଉଦାହରଣ ସ୍ୱରୂପ ଆଇଆଇଟି, ଆଇଆଇଏମ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରି ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଯେପରି ଅନଲାଇନ କୋର୍ସ ମାଗଣାରେ ପ୍ରଦାନ କରିପାରିବେ ସେଥିପାଇଁ ଇ-ପୁସ୍ତକଭିତିକ ଏକ ଜାତୀୟ ଡିଜିଟାଲ ଲାଇବ୍ରେରୀ ପ୍ରତିଷ୍ଠା କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। 'ସ୍ୱୟଂ' ନାମକ ଏକ ଅନଲାଇନ ଓପନ କୋର୍ସ ପ୍ଲାଟଫର୍ମ ପ୍ରତିଷ୍ଠା କରାଯାଇଛି ଆଇଆଇଟି ଖଡଗପୁର ଦ୍ୱାରା ଡିଜିଟାଲ ଲାଇବ୍ରେରୀ ପ୍ରତିଷ୍ଠା କରାଯିବ ଏବଂ ଏଥିପାଇଁ ୧୦ କୋଟି ଟଙ୍କାର ବ୍ୟୟବରାଦ ରହିବ। ସେହିପରି ଅଲ ଇଣ୍ଡିଆ କାଉନସିଲ ଅଫ ଟେକ୍ନିକାଲ ଏଜୁକେସନ ଦ୍ୱାରା ଏକ ସ୍ୱତନ୍ତ୍ର ପୋର୍ଟାଲର ମଧ୍ୟ ଆରମ୍ଭ କରାଯାଇଛି। ଆଡମିଶନ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ସହାୟତା ଦେବା ଏହାର ଉଦ୍ଦେଶ୍ୟ। ଗତ ୨୦୧୪ ନଭେମ୍ବରରେ 'ନୋ ୟୁଅର କଲେଜ ପୋର୍ଟାଲ' (ନିଜ କଲେଜକୁ ଜାଣ ପୋର୍ଟାଲ) ଆରମ୍ଭ କରାଯାଇଥିଲା ଏବଂ ବର୍ତମାନ ସୁଦ୍ଧା ଏଥିରେ ୧୬୩ ଲକ୍ଷ ହିଟ୍ ହୋଇଛି। ଦେଶର ଯେଉଁ ଯେଉଁ ଇଲାକାରେ ପ୍ରାଥମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନାହିଁ ସେହି ସବୁ ଅଂଚଳଗୁଡ଼ିକୁ ଚିହ୍ନଟ କରିବା ସକାଶେ ମାନବ ସମ୍ବଳ ବିକାଶ ବିଭାଗ ଏକ ଭୌଗଳିକ ସୂଚନା ବ୍ୟବସ୍ଥା (ଜିଆଇଏସ) କାର୍ଯ୍ୟକାରୀ କରିଛି। ଏଥିରେ ଦେଶର ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସମ୍ପର୍କରେ ସୂଚନା ରହିଛି। ଏହାକୁ ବିକାଶ କରିଛି ନ୍ୟାସନାଲ ଇନଫର୍ମାଟିକ୍ସ ସେଂଟର। କେନ୍ଦ୍ରୀୟ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ମଧ୍ୟ ଏକ ଅନଲାଇନ ସ୍ୱୟଂଆକଳନ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି।

ବିଭିନ୍ନ ସ୍ତରରେ ଥିବା ସିବିଏସଇ ବିଦ୍ୟାଳୟ ସହ ତୁଳନା କରି ସଫଳତା ହାର ନିର୍ଣ୍ଣୟ କରିବା ଏହାର ଉଦ୍ଦେଶ୍ୟ। ଏହି ପ୍ରକଳ୍ପର ନାମ ରହିଛି 'ସାରାଂଶ'। ୧୫ହଜାର ବିଦ୍ୟାଳୟର ୧.୫ ଲକ୍ଷ ଶିକ୍ଷକ ଓ ୨କୋଟି ୨ ଲକ୍ଷ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଏଥିରେ ତଥ୍ୟ ରହିଛି। ସେହିପରି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଆବଶ୍ୟକତା ପୂରଣ କରିବା ସକାଶେ ସରକାର ବିଭିନ୍ନ ନୂଆ ଯୋଜନା କାର୍ଯ୍ୟକାରୀ କରିବା ସହ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। 'ସକ୍ଷମ' ଯୋଜନାରେ ଭିନ୍ନକ୍ଷମ ପିଲାମାନଙ୍କୁ ଡିପ୍ଲୋମା ଓ ଅଣ୍ଡରଗ୍ରାଜୁଏଟ ଶିକ୍ଷା ସକାଶେ ବାର୍ଷିକ ୩୦ହଜାର ଟଙ୍କା ଯାଏ ସହାୟତା ପ୍ରଦାନ କରାଯିବ। ଏହି ଯୋଜନାରେ ବାର୍ଷିକ ୧୦୦୦ ଛାତ୍ରଛାତ୍ରୀ ମେଧାବୃତି ପାଇବେ। ଦେଶର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ଏକ ହସ୍ତପୁସ୍ତିକା ପ୍ରଦାନ କରାଯିବ। ଏହାଦ୍ୱାରା ଶ୍ରେଣୀରେ ପିଲାମାନଙ୍କ ଯତ୍ନ ସମ୍ପର୍କରେ ସେମାନଙ୍କୁ ସୂଚନା ଦିଆଯିବ। ନୂଆ ସରକାର ଛାତ୍ରୀମାନଙ୍କ ସକାଶେ 'ଉଡାନ' ନାମକ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ଜରିଆରେ ପରିଶ୍ରମୀ ଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ମେଧାବୃତି ମିଳିବ।

ଗଣିତ ଓ ବିଜ୍ଞାନ କ୍ଷେତ୍ରରେ ବରିଷ୍ଠ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସମସ୍ତଙ୍କୁ ମାଗଣା ଅନଲାଇନ ସମ୍ବଳ ଯୋଗାଇ ଦିଆଯିବ। ପିଲାମାନଙ୍କ ମଧ୍ୟରେ ସନ୍ଦେହ ଦୂର କରିବା ସକାଶେ ପ୍ରିଲୋଡେଡ ଟାବଲେଟ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ୫୦ଟି ମେଂଟରିଂ ସେଂଟର ପ୍ରତିଷ୍ଠା କରାଯାଇଛି। ଏହି ଯୋଜନା ସକାଶେ ଗତ ନଭେମ୍ବର ୨୦୧୪ରେ ସିବିଏସଇ ଦ୍ୱାରା ୯୫୦ ଛାତ୍ରଛାତ୍ରୀଙ୍କ ପ୍ରଥମ ବ୍ୟାଚ ଚୟନ କରାଯାଇଛି। ଶିକ୍ଷକ ପ୍ରଶିକ୍ଷଣ, ଶିକ୍ଷକ ପ୍ରସ୍ତୁତି, ବୃତିଗତ ବିକାଶ, ପାଠ୍ୟକ୍ରମର ଡିଜାଇନ ଓ ବିକାଶ ତଥା ପ୍ରଣାଳୀଗତ ମୂଲ୍ୟାୟନ ସକାଶେ ସ୍ୱାଧୀନତା ସଂଗ୍ରାମୀ ତଥା ଶିକ୍ଷାବିତ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ନାମରେ ଏକ ମିଶନ ଆରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଡିସେମ୍ବର ୨୫, ଉତମ ପ୍ରଶାସନ ଦିବସ ଅବସରରେ ୯୦୦ କୋଟି ଟଙ୍କାର ନୂଆ ଯୋଜନାର ଶୁଭାରମ୍ଭ କରାଯାଇଛି।

ମାନବସମ୍ବଳ ବିକାଶ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କାର୍ଯ୍ୟନିର୍ବାହୀ କମିଟି ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ବୋର୍ଡ ଜରିଆରେ ଏହି ପ୍ରକଳ୍ପର କାର୍ଯ୍ୟ ତଦାରଖ କରାଯାଇଛି। ଗବେଷଣାଗାରରୁ କ୍ଷେତକୁ ଯେପରି ପ୍ରଯୁକ୍ତିର ପ୍ରସାର ହୋଇପାରିବ ସେଥିପାଇଁ କେନ୍ଦ୍ର ସରକାର 'ଉନ୍ନତ ଭାରତ ଅଭିଯାନ' ନାମକ ଏକ ଯୋଜନାର ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଗ୍ରାମଗୁଡ଼ିକ ସହ ସଂଯୋଗ କରାଯିବ।

ଜଳପରିଚାଳନା, ଜୈବିକ କୃଷି, ଅକ୍ଷୟ ଶକ୍ତି, ଭିତିଭୂମି, ଜୀବିକା ଆଦି କ୍ଷେତ୍ରରେ ଏହା ଗୁରୁତ୍ୱ ଦେବ। ଆଇଆଇଟି ଦିଲ୍ଲୀ ଏସବୁକୁ ସଂଯୋଜନା କରିବ। ଆଇଆଇଟି, ଏନଆଇଟ, ଆଇଆଇଏସଇଆର ଦ୍ୱାରା ୧୩୦ଟି ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ଭାରତରେ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ଏକ ନୂଆ ଯୋଜନା ଗ୍ଲୋବାଲ ଇନିସିଏଟିଭ ଫର ଆକାଡେମିକ ନେଟୱର୍କ ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ବିଜ୍ଞାନ, ଗଣିତ, ପ୍ରଯୁକ୍ତି କ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ଆରମ୍ଭ କରିଛନ୍ତି ନୂଆ ଯୋଜନା ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ।

ଶିକ୍ଷାପ୍ରତିଷ୍ଠାନଗୁଡ଼ିକ ସହ ସିଧାସଳଖ ଯୋଗସୂତ୍ର ରକ୍ଷା କରିବା ଏହାର ଉଦ୍ଦେଶ୍ୟ। ଏହାଛଡ଼ା 'ପଢ଼େ ଭାରତ, ବଢ଼େ ଭାରତ' ନାମକ ଏକ ଯୋଜନାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ଆଭିମୁଖ୍ୟ ରଖାଯାଇଛି। ବର୍ଷରେ ୨୦୦ ଦିନ ସେମାନଙ୍କୁ ପଢ଼ିବା, ଲେଖିବା, ଅଙ୍କ ଆଦି ସମ୍ପର୍କରେ ସାମଗ୍ରିକ ଶିକ୍ଷା ଦିଆଯିବ। ବିକାଶର ବାର୍ତା ବହନ କରିଥିବା ନରେନ୍ଦ୍ର ମୋଦି ସରକାରଙ୍କ ନାନା ଯୋଜନାରୁ ଦେଶବାସୀ ଉପକୃତ ହେଉଥିବା ବେଳେ ଏକ ବିକଶିତ ରାଷ୍ଟ୍ରର ଆଭିମୁଖ୍ୟ ସାକାର ଦିଗରେ ସରକାର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

କାହିଁକି ବଢୁଛି ସିଜରିଆନ ଡେଲିଭରି !

ଭୁବନେଶ୍ୱର (ପିଏନ୍): ବୃଦ୍ଧି ପାଇଛି ସିଜରିଆନ୍ ଡ଼େଲିଭରି। ହ୍ରାସ ପାଇଲାଣି ନର୍ମାଲ ଡେଲିଭରି ହାର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯଦିଓ ଜରୁରୀକାଳୀନ ଭିତ୍ତିରେ ୧୦ରୁ ୧୫ ପ୍ରତିଶତ ସିଜରିଆନ୍ ଡେଲିଭରିକୁ ଅନୁମତି ଦେଇଥିଲା, ହେଲେ ଆଜିକାଲି ଏହାର ହାର ବୃଦ୍ଧି ପାଇଛି। ନର୍ମାଲ ଡେଲିଭରି ପରିବର୍ତ୍ତେ ସିଜରିଆନ ଡେଲିଭରିର ପିଲାଙ୍କୁ ଅଧିକ ଦେଖିବାକୁ ମିଳୁଛି। ବିଶେଷକରି ଉଭୟ ବିକାଶ ଓ ବିକାଶଶୀଳ ଦେଶରେ ସିଜରିଆନ ଡେଲିଭରି ଦ୍ରୁତ ବେଗରେ ବୃଦ୍ଧି ପାଉଛି। ଭାରତରେ ଏହାର ହାର ୪୦ରୁ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ତେବେ ଏହାର କାରଣ କ'ଣ ହୋଇପାରେ ! **ଅଧିକ ସିଜରିଆନ ଡେଲିଭରିର କାରଣ :** ଉପଯୁକ୍ତ ଭାବରେ ପ୍ରସବ ଯନ୍ତ୍ରଣାହେଲେ ପିଲାଟି ନର୍ମାଲ ଡେଲିଭରିରେ ଜନ୍ମ ହୋଇଥାଏ। ହେଲେ ଯଦି ପ୍ରସବ ଯନ୍ତ୍ରଣା ହେଉଥିବ କିନ୍ତୁ ପିଲାଟି ନର୍ମାଣରେ ଜନ୍ମ ହେବା ପାଇଁ ଯନ୍ତ୍ରଣାରେ ଆବଶ୍ୟକ ଚାପ ନଥିବ, ତାହାଲେ ପିଲାଟି ନର୍ମାଲରେ ଜନ୍ମ ହେବାରେ ଅସୁବିଧା ହୁଏ। ଏହି ସମୟରେ ଡାକ୍ତର ବାଧ୍ୟ ହୁଅନ୍ତି ସିଜରିଆନ୍ ଡେଲିଭରି କରିବାକୁ। ପ୍ରସବ ସମୟକୁ ଯଦି ଗର୍ଭସ୍ଥ ଶିଶୁର ଅବସ୍ଥା ଠିକ ଭାବରେ ଥାଏ, ଅର୍ଥାତ୍ ପିଲାର ମୁଣ୍ଡ ଯଦି ପ୍ରସବ ଦ୍ୱାରକୁ ଥାଏ, ତେବେ ପିଲାଟି ନର୍ମାଲରେ ଜନ୍ମ ହୋଇଯାଏ। ଯଦି ଶିଶୁ ଗର୍ଭାଶୟ ମଧ୍ୟରେ କଡମାଡ଼ି ରହିଯାଇଥାଏ, ତାହାଲେ ସିଜରିଆନ୍ କରିବାକୁ ବାହାରକୁ ଆଣିବାକୁ ପଡ଼ିଥାଏ। ଯଦି ଗର୍ଭରେ ଯମଜ ଶିଶୁଥାଆନ୍ତି, ତାହାଲେ ସିଜରିଆନ କରି ପିଲାଙ୍କୁ ନିରାପଦରେ ବାହାରକୁ ଆଣିବା ସବୁଠୁ ଉତ୍ତମ। ଦୁଇ କିମ୍ବା ତିନୋଟି ପିଲା ଗର୍ଭରେ ଥିଲେ ନର୍ମାଲରେ ଡେଲିଭରିରେ ଜନ୍ମ ହେବା କଷ୍ଟକର ହୋଇଥାଏ। ଏଭଳି ପରିସ୍ଥିତିରେ ରିକ୍ସ ନନେଇ ସିଜରିଆନ୍ କରିବା ଦରକାର। ନର୍ମାଲ ଡେଲିଭରି ପାଇଁ ଗର୍ଭବତୀ ତଥା ମା'ର ସ୍ୱାସ୍ଥ୍ୟ ଅବସ୍ଥା ଉତ୍ତମ ଥିବା ଆବଶ୍ୟକ। ଏହାଦ୍ୱାରା ସେ ପିଲାକୁ ସାଧାରଣ ପ୍ରସବରେ ଜନ୍ମ ଦେବାକୁ ସକ୍ଷମ ହୋଇପାରିବ। ଯଦି ମା'ଠାରେ ହୃଦ୍‌ରୋଗ, ରକ୍ତହୀନତା, ରକ୍ତଚାପ, ଆଜ୍ମା, ଚିନ୍ତାଗ୍ରସ୍ତ ଜନିତ ରୋଗ ଆଦି ଥିଲେ ସିଜରିଆନ ଡେଲିଭରି ନିରାପଦ ହୋଇଥାଏ। ଏଚ୍‌ଆଇଭି ପଜେଟିଭ୍ ଥିଲେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ନଚେତ୍ ଏହାଦ୍ୱାରା ପିଲାକୁ ଇନ୍‌ଫେକ୍ସନ ହୋଇପାରେ। ଯଦି ପ୍ରଥମ ପିଲା ସିଜରିଆନ ହୋଇ ଜନ୍ମ ହୋଇଥାଏ, ତେବେ ଦ୍ୱିତୀୟ ପିଲା ଜନ୍ମ ସମୟରେ ସିଜରିଆନ କରିବାକୁ ପଡ଼ିଥାଏ। କାରଣ ପ୍ରଥମ ସିଜରିଆନ ପରେ ଦ୍ୱିତୀୟ ପିଲା ନର୍ମାଲରେ ଜନ୍ମ କଷ୍ଟକର ହୋଇଥାଏ। ଗର୍ଭସ୍ଥ ପିଲାର ଓଜନ ବଢ଼ିଯାଇଥିଲେ ଅବା ପିଲା ମୁଣ୍ଡର ଆକାର ବଡ଼ ହୋଇଥିଲେ, ତେବେ ସିଜରିଆନ କରିବାକୁ ପଡ଼େ। କାରଣ ପିଲାର ଓଜନ ଅଧିକ ହେତୁ ନର୍ମାଲରେ ଜନ୍ମ ହେବା ମା ଓ ଶିଶୁ ପାଇ ବିପଦ। ଆଜିକାଲି ମା'ମାନେ ପ୍ରସବ ଜନିତ ଯନ୍ତ୍ରଣାକୁ ସହ୍ୟ କରିବାକୁ ରାଜି ନୁହନ୍ତି। ଏତେ ସମୟ ଯନ୍ତ୍ରଣା ସହିବାକୁ ତାଙ୍କ ପାଖରେ ଧୈର୍ଯ୍ୟ ନାହିଁ। ଏମିତିରେ ବି ଅଭିଭାବକମାନେ ମଧ୍ୟ ଧୈର୍ଯ୍ୟ ଶକ୍ତି ହରାଇ ଡାକ୍ତରଙ୍କୁ ସିଜରିଆନ କରିବାକୁ ବାଧ୍ୟ କରିଥାନ୍ତି। ଡାକ୍ତରମାନେ କେତେକ ସମୟରେ ନର୍ମାଲରେ ଡେଲିଭରି ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ ବି ଗର୍ଭବତୀ ଓ ତାଙ୍କର ନିଜ ଲୋକମାନେ ଏଥିରେ ବିଶ୍ୱାସ ନକରି ସିଜରିଆନ କରିବାକୁ ଡାକ୍ତରଙ୍କୁ ଏକ ପ୍ରକାର ବାଧ୍ୟ କରିଥାନ୍ତି। ଏଣୁ କେତେକ କେସ୍‌ରେ ନର୍ମାଲରେ ହୋଇପାରୁଥିବା ଡେଲିଭରିକୁ ସିଜରିଆନ କରିବାକୁ ପଡ଼େ। ଏହା ବ୍ୟତୀତ ଆଜିକାଲିର ଅତ୍ୟାଧୁନିକ କୌଶଳ ମାଧ୍ୟମରେ ତ ସହଜରେ ପିଲା ବାହାରକୁ ଆସିପାରୁଛି, କାହିଁକି ବା ଗର୍ଭବତୀ ଏତେ କଷ୍ଟ ସହ୍ୟ କରି ଜୀବନକୁ ବିପଦ ମଧ୍ୟକୁ ଟାଣିବ। ପୂର୍ବରୁ ଝିଅମାନେ କମ୍ ବୟସରେ ବିବାହ କରୁଥିଲେ ଫଳରେ କମ୍ ବୟସ ତଥା ୨୧ ରୁ ୨୫ ବର୍ଷ ମଧ୍ୟରେ ମା' ହୋଇଯାଉଥିଲେ। ଏହାଦ୍ୱାରା ମା'ର ପ୍ରସବ ଦ୍ୱାର ନମନୀୟ ଥାଏ, ଫଳରେ ପିଲା ନର୍ମାଲରେ ଜନ୍ମ ହେବା ସହଜ ହୋଇଥାଏ। ହେଲେ ଆଜିକାଲି ପ୍ରାୟତଃ ଝିଅ ପାଠ ପଢୁଆ ଆଉ କର୍ମଜୀବୀ। ଫଳରେ ୩୦ପୂର୍ବରୁ ବିବାହ କରୁନାହାନ୍ତି। ଏହାଦ୍ୱାରା ମା'ମଧ୍ୟ ବିଳମ୍ବରେ ହେଉଛନ୍ତି। ଅଧିକ ବୟସ ହେତୁ ପ୍ରସବ ଦ୍ୱାର ଏତେ ନମନୀୟ ନଥାଏ ତେଣୁ ସିଜରିଆନ କରିବାକୁ ପଡ଼ିଥାଏ। ସିଜରିଆନ ଡେଲିଭରି ହେବା ଦ୍ୱାରା ଉଭୟ ମା' ପିଲା ଅଳ୍ପ ସମୟ ମଧ୍ୟରେ ବିପଦ ମୁକ୍ତ ହୋଇପାରନ୍ତି ସତ, ଏହାଦ୍ୱାରା ମାତୃ ଓ ଶିଶୁ ମୃତ୍ୟୁ ହାରକୁ ରୋକାଯାଇପାରୁଛି ସତ, ହେଲେ ଏହାର ମଧ୍ୟ କେତେକ ନକରାତ୍ମକ ପ୍ରଭାବ ରହିଛି ଯାହାକି ମା ଓ ପିଲା ଉଭୟଙ୍କ ଉପରେ ପଡ଼ିଥାଏ। ସେହି ନକରାତ୍ମକ ପ୍ରଭାବ ଗୁଡ଼ିକ ହେଲା:- ସିଜରିଆନରେ ହୋଇଥିବା କ୍ଷତ ଶୁଖିବା ପାଇଁ ନର୍ମାଲ ଡେଲିଭରି ଠାରୁ ଅଧିକ ସମୟ ଲାଗେ। ମା' ଦେହରୁ ଅଧିକ ରକ୍ତ ବାହାରିଯାଏ। ହେଲେ ନର୍ମାଲ ଡେଲିଭରିରେ ଏତେ ରକ୍ତସ୍ରାବ ହୁଏନାହିଁ। ସିଜରିଆନ ଡେଲିଭରି ଯୋଗୁଁ ପିଲାଟିର ଅସ୍ଥି ଏତେ ଶକ୍ତିଶାଳୀ ହୋଇନଥାଏ। ଏହା ଯୋଗୁଁ ମଧ୍ୟପିଲାର ତ୍ୱଚାରେ ପ୍ରଭାବ ପଡ଼ିଥାଏ। ଅସ୍ତ୍ରୋପଚାର ସମୟରେ ପିଲାର ତ୍ୱଚା ଏକ ଧକ୍କା ପାଇଥାଏ। ସିଜରିଆନ ଯୋଗୁଁ ମଧ୍ୟ ମା'ଠାରେ ଇନ୍‌ଫେକ୍ସନ ଦେଖାଯାଏ। ୧୨ଜଣ ମହିଳାଙ୍କ ମଧ୍ୟରୁ ଜଣେ ଏହାର ଶିକାର ହୁଅନ୍ତି। ଅସ୍ତ୍ରୋପଚାର ହୋଇଥିବା ସ୍ଥାନ ଇନ୍‌ଫେକ୍ସନ ହୋଇଯିବା ଯୋଗୁଁ ସ୍ଥାନରୁ ପୂଜ ବାହାରେ, କୁଣ୍ଡାଇ ହୁଏ ଆଦି। ଯଦି ଡାଇବେଟିସ୍ ଅବା ଅତ୍ୟଧିକ ଓଜନ ହୋଇଥାଏ, ତାହାଲେ ଏହି ସମସ୍ୟା ଅଧିକ ଦେଖାଯାଏ। ସିଜରିଆନ ଡେଲିଭରିର ନକାରାତ୍ମକ ପ୍ରଭାବ ଥିଲେ ବି ଆଜିକାଲି ଅତ୍ୟାଧୁନିକ ଡାକ୍ତରୀ ବିଦ୍ୟା ଯୋଗୁଁ ଏହାକୁ ଦୂର କରାଯାଇପାରୁଛି। ଉଭୟ ମା' ଓ ପିଲା ସୁସ୍ଥ ରହିପାରୁଛନ୍ତି। **କିପରି ହେବ ନର୍ମାଲ:** ସିଜରିଆନ ପରେ ବହୁତ ଦେଖାଶୁଣା ଆବଶ୍ୟକ ପଡ଼ିଥାଏ। ଯଦି ଠିକ୍ ଭାବରେ ଦେଖାରଖା ନ କରିପାରିବେ, ତେବେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏଥିପାଇଁ ଯେତେ ସମ୍ଭବ ନର୍ମାଲ ଡେଲିଭରି କରିବା ଦରକାର। ଏହାଦ୍ୱାରା ଆପଣଙ୍କ ଶରୀର ଠିକ୍ ରହିବା ସହିତ ଆପଣଙ୍କୁ କମ୍ ବିପଦର ସମ୍ମୁଖୀନ ହେବାକୁ ପଡ଼ିଥାଏ। ନର୍ମାଲ ଡେଲିଭରି ସିଜରିଆନ ଡେଲିଭରିଠାରୁ ବହୁ ଗୁଣରେ ଭଲ। କାରଣ ସିଜରିଆନ ଡେଲିଭରିରେ ଉଭୟ ମା' ଓ ପିଲାଙ୍କ ପାଇଁ ଅଧିକ ସମସ୍ୟା ଥାଏ। ସିଜରିଆନ ପରେ ଷ୍ଟ୍ରେଚ୍ ମାର୍କ ପଡ଼ିଯାଏ। ଏହାସହିତ କେତେକ ଦିଗ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ଯାହାକି ନର୍ମାଲ ଡେଲିଭରିରେ ନଥାଏ। ଏଣୁ ଅଧିକାଂଶ ମା'ନର୍ମାଲ ଡେଲିଭରିକୁ ପସନ୍ଦ କରିଥାନ୍ତି। ହେଲେ ଯେଉଁଠାରେ ମା' ଓ ପିଲା ଉଭୟଙ୍କ ଜୀବନ ପ୍ରତି ବିପଦ ଥାଏ, ସେଠାରେ ସିଜରିଆନ ଡେଲିଭରି ଉତ୍ତମ। ତେବେ ଆସନ୍ତୁ ଜାଣିବା କିପରି ହେବ ନର୍ମାଲ ଡେଲିଭରି। ପିଲାକୁ ଜନ୍ମ ଦେବା ସମୟରେ ବହୁତ କଷ୍ଟ ସହିବାକୁ ପଡ଼ିଥାଏ। ଏହା ସହଜ କଥା ନୁହେଁ। ଯଦି ଗର୍ଭବତୀ ଦୁର୍ବଳ ଅବା ରକ୍ତହୀନତା ହୋଇଥାଏ, ତେବେ ବହୁତ ଅସୁବିଧା ହେବ। ଏଣୁ ଗର୍ଭବତୀ ଥିବା ସମୟରେ ସ୍ୱାସ୍ଥ୍ୟର ପୁରା ଧ୍ୟାନ ରଖିବା ଦରକାର। ଏହାଦ୍ୱାରା ବହୁତ କମ୍ କଷ୍ଟ ହୋଇଥାଏ। ଗର୍ଭାବସ୍ଥା ସମୟରେ ଡାକ୍ତରଙ୍କ ଅନୁଯାୟୀ ଭୋଜନ କରନ୍ତୁ। ନର୍ମାଲ ଡେଲିଭରିରେ ଶରୀରରୁ ଦୁଇରୁ ଚାରି ଶହ ଏମ୍.ଏଲ୍ ରକ୍ତ ବାହାରିଯାଏ। ଏଥିପାଇଁ ପୁଷ୍ଟି ଓ ପୋଷଣଯୁକ୍ତ ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ। ଗର୍ଭଧାରଣ ସମୟରେ ଆଇରନ ଓ କ୍ୟାଲସିୟମ ପ୍ରଚୁର ପରିମାଣରେ ଆବଶ୍ୟକ। ଏଣୁ ଯେତେ ସମ୍ଭବ ଭୋଜନରେ ଆଇରନ ଓ କ୍ୟାଲସିୟମ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଗର୍ଭାଶୟରେ ଶିଶୁ ତରଳ ପଦାର୍ଥରେ ଭରା ଏକ ଝୋଲିରେ ରହିଥାଏ। ଏହାଦ୍ୱାରା ହିଁ ଶିଶୁକୁ ଶକ୍ତି ମିଳିଥାଏ। ଏଥିପାଇଁ ଆପଣଙ୍କୁ ପ୍ରତିଦିନ ୮ରୁ ୧୦ ଗ୍ଲାସ ପାଣି ପିଇବା ବହୁତ ଆବଶ୍ୟକ। ଏହି ସମୟରେ ଶରୀରରୁ ପାଣି ଆଦୌ କମ୍ ହେବା ଅନୁଚିତ। ଗର୍ଭବତୀ ମହିଳାଙ୍କ ପାଇଁ ଆରାମ କରିବା ଏକାନ୍ତ ଆବଶ୍ୟକ। ଏହାର ଅର୍ଥ ନୁହେଁ ଆଦୌ କାମ ନକରି ବସି ରହିବା ଅବା ଶୋଇ ରହିବା। ଭାରି କାମ ନକରି ହାଲୁକା କାମ କରିପାରିବେ। ଏକ କିମ୍ବା ଦୁଇ କିଲୋମିଟର ଚାଲିପାରିବେ। ଏହାସହ ଏକ୍ସରସାଇଜ ଏକାନ୍ତ ଆବଶ୍ୟକ। ଡାକ୍ତରଙ୍କ ପରାମର୍ଶରେ ଏକ୍ସରସାଇଜ କରିବେ। ଏହାଦ୍ୱାରା ପ୍ରସବ ଦ୍ୱାର ନମନୀୟ ହୋଇ ରହିବ। ପ୍ରସବ ସମୟକୁ ନର୍ମାଲ ଡେଲିଭରି ପାଇଁ ସମସ୍ୟା ସୃଷ୍ଟି ହେବନାହିଁ।

(ସୌଜନ୍ୟ: ଡାକ୍ତର କାନ୍ତୀ ନାୟକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ସିଟି ହସ୍ପିଟାଲ, କଟକ, ଦୂରଭାଷ: ୯୪୩୭୬୬୬୪୫୩)

ବାଲେଶ୍ୱର ଜିଲ୍ଲାରେ ବିଧିବଦ୍ଧ ନିର୍ବାଚନ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଲା

ବାଲେଶ୍ୱର (ପିଏନ୍): ଗତ ଅପ୍ରେଲ ପହିଲା ଅପରାହ୍ନ ୪ ଘଟିକା ସମୟରେ ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ବିଧିବଦ୍ଧ ଭାବେ ନିର୍ବାଚନର ତାରିଖ ଓ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ନାମାଙ୍କନ ଉଭୟ ଲୋକସଭା ଓ ବିଧାନସଭା ଆସନ ନିମନ୍ତେ ଅପ୍ରେଲ ୨ ତାରିଖ ପୂର୍ବାହ୍ନ ୧୧ଟା ଠାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଆଶାୟୀ ପ୍ରାର୍ଥୀମାନେ ବିଧାନସଭା ପାଇଁ ୧୦ ହଜାର ଓ ଲୋକସଭା ଆସନ ପାଇଁ ୨୫ ହଜାର ଟଙ୍କା ଦାଖଲ ପୂର୍ବକ ୪ ସେଟ୍ ନାମାଙ୍କନ ପତ୍ର ନେଇଛନ୍ତି। ଏଥିପାଇଁ ଅନୁସୂଚିତ ଜାତି ଜନଜାତିମାନଙ୍କ ପାଇଁ ଯଥାକ୍ରମେ ୫ ହଜାର ଓ ୧୨ ହଜାର ୫ ଶହ ପଇଠ କରିବାକୁ ପଡିଥିଲା। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଅପ୍ରେଲ ୯ ଥିବା ବେଳେ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଅପ୍ରେଲ ୧୦ ଓ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅପ୍ରେଲ ୧୨ ତାରିଖ ଧାର୍ଯ୍ୟ କରାଯାଇଛି। ସେହିପରି ଅପ୍ରେଲ ୨୯ ତାରିଖ ଦିନ ଭୋଟ୍ ଗ୍ରହଣ ସକାଳ ୭ ଘଟିକାଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ ଏବଂ ଭୋଟ୍ ଗଣତି ମଇ ୨୩ ତାରିଖ ଦିନ ଅନୁଷ୍ଠିତ ହେବ। ବାଲେଶ୍ୱର ଜିଲ୍ଲାର ସମୁଦାୟ ବୁଥ୍ ସଂଖ୍ୟା ୧,୮୮୭ ଥିବା ବେଳେ ସମ୍ବେଦନ ପ୍ରବଣ ବୁଥ୍ ସଂଖ୍ୟା ୨୫୫ ଚିହ୍ନଟ କରାଯାଇଛି। ସେହିପରି ମୋଟ୍ ପ୍ରିଙ୍କ୍ ବୁଥ୍ ସଂଖ୍ୟା ୯୧ ଚିହ୍ନଟ କରାଯାଇଛି। ଏହି ନିର୍ବାଚନରେ ସମୁଦାୟ ମାନବ ସମ୍ବଳ ୧୪,୭୧୫ ମୁତୟନ ହେଉଥିବା ବେଳେ ମହିଳା ଅଧିକାରୀଙ୍କ ସଂଖ୍ୟା ୨୫୦୦ ଓ ପୁରୁଷ ଅଧିକାରୀଙ୍କ ସଂଖ୍ୟା ୧୨,୨୧୫ ନିୟୋଜିତ ହେବେ ବୋଲି ଜଣାପଡିଛି। ଏଥର ନିର୍ବାଚନରେ ଟ୍ରକ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଯାନ ସଂଖ୍ୟା ୨,୪୪୯ ରଖାଯାଇଛି ଯେଉଁଥିରେ କି ବସ୍, ମିନି ବସ୍, ବୋଲେରୋ ଏପରି ଆବଦ୍ଧ ଥିବା ନିରାପଦ ଯାନବାହାନ ବ୍ୟବହାର ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। କେତେକ ବୁଥ୍‌କୁ ସମ୍ପୂର୍ଣ୍ଣ ଭାବେ ମହିଳା ଅଧିକାରୀମାନେ ପରିଚାଳନା କରିବେ। ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ଗାଡି ଓ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ସେହପରି ଭୋଟ୍ ଗ୍ରହଣ କେନ୍ଦ୍ରରେ ଆଲୋକ ବ୍ୟବସ୍ଥା, ପାନୀୟ ଜଳ, ପାଇଖାନା ଓ ଛାମୁଣ୍ଡିଆ ବ୍ୟବସ୍ଥା କରାଯାଇଛି। ନିର୍ବାଚନ କାର୍ଯ୍ୟରେ ସର୍ଭିଲେନ୍ସ ବିଧାନସଭା ମଣ୍ଡଳୀ ପିଛା ୩ଟି ଟିମ୍, ଫ୍ଲାଇଁ ସ୍କାର୍ଡ ୩ ଟି ଟିମ ରହିବେ ବୋଲି ଜଣାପଡିଛି। ଉକ୍ତ ୨ ଟି ଟିମରେ ପୋଲିସ ଦଳ ସହ ଏକ୍‌ଜିକ୍ୟୁଟିଭ୍ ମାଜଷ୍ଟ୍ରେଟ ମୁତୟନ ରହିବେ। ଏଥିସହିତ ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ତଦାରଖ ଟିମ୍ ଓ ହିସାବ ପରିଚାଳନା ଟିମ୍, ଭିଡିଓ ସର୍ଭିଲେନ୍ସ ଟିମ୍, ଭିଡିଓ ଅନୁଧାନ ଟିମ୍, ମିଡିଆ ପ୍ରମାଣକ ଓ ତଦାରଖ ଟିମ୍, ଏମ୍.ସି ଭଳି ଟିମ୍ ରହିବେ। ଏଥିପାଇଁ ସିଙ୍ଗିଲ ୱିଣ୍ଡୋ ମାଧ୍ୟମରେ ଦଳୀୟ ପ୍ରାର୍ଥୀ ଓ ନିର୍ଦ୍ଦଳୀୟ ପ୍ରାର୍ଥୀ ଶୋଭାଯାତ୍ରା, ସମାବେଶ ଓ ଡାକବାଜୀ ଯନ୍ତ୍ର ବ୍ୟବହାର ପାଇଁ ଅନୁମତି ଆବେଦନ କରିପାରିବେ। ଏହି ସିଙ୍ଗିଲ ୱିଣ୍ଡୋ ପ୍ରକ୍ରିୟା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସୁବିଧା କେନ୍ଦ୍ର ଖୋଲାଯାଇଛି। ଆଦର୍ଶ ଆଚରଣ ବିଧି ଉଲଙ୍ଘନ ବାବଦରେ ଏଯାଏଁ ୨୦ଟି ଅଭିଯୋଗ ହାସଲ ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ସେଥିମଧ୍ୟରୁ ୧୬ଟିର ସମୂହ ସମାଧାନ ହୋଇଥିବା ବେଳେ ୪ଟିର ରିପୋର୍ଟ ଏଯାଏଁ ମିଳିନାହିଁ। ବାଲେଶ୍ୱର ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୪ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ୩ ଜଣ ସାଧାରଣ ପର୍ଯ୍ୟବେକ୍ଷକ ଓ ୨ ଜଣ ପୋଲିସ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଯେଉଁମାନେ କି ଅପ୍ରେଲ ୨ ତାରିଖଠାରୁ ନିଜର କାର୍ଯ୍ୟରେ ନିୟୋଜିତ ହେବେ। ଜିଲ୍ଲାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ତଥା ନିର୍ବାଚନ ଅଧିକାରୀ ସମସ୍ତ ଜନସାଧାରଣ ଓ ରାଜନୈତିକ ଦଳର ସହଯୋଗ ଓ ସଦିଚ୍ଛା କାମନା କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ନାୟକ, ଉପଜିଲ୍ଲାପାଳ ନୀଲୁ ମହାପାତ୍ର, ପିଡିଡିଆରଡିଏ ତ୍ରିଲୋଚନ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

ବାଲେଶ୍ୱର ବିଜେଡିରେ ବିଦ୍ରୋହ: ବରିଷ୍ଠ ନେତା ରଘୁନାଥ ମହାନ୍ତିଙ୍କ ସହ ଅର୍ଜୁନ ସେଠୀ ବିଜେଡି ଛାଡିଲେ

ବାଲେଶ୍ୱର (ପିଏନ୍): ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଅସନ୍ତୁଷ୍ଟ ହୋଇ ବିଜେଡି ଛାଡିଥିବା ବେଳେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ନେତା ସାଂସଦ ଅର୍ଜୁନ ଚରଣ ସେଠୀ ମଧ୍ୟ ବିଜେଡି ଛାଡି ବିଜେପିରେ ସାମିଲ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଶ୍ରୀଯୁକ୍ତ ସେଠୀ ଭଦ୍ରକ ଲୋକସଭା ଆସନର ସାଂସଦ ଥିଲେ ହେଁ ବାଲେଶ୍ୱର ଜିଲ୍ଲାର ସୋର, ସିମୁଳିଆ ଆଦି ଅଞ୍ଚଳ ତାଙ୍କ ଲୋକସଭା ଆସନ ଅନ୍ତର୍ଭୁକ୍ତ ଥିଲା। ସେ ବିଭିନ୍ନ ସ୍ଥାନରେ ବାଲେଶ୍ୱର ଉନ୍ନୟନ ବୈଠକ ଓ ଜିଲ୍ଲାପରିଷଦ ବୈଠକରେ ସାମିଲ ହେବା ସହ ତାଙ୍କ ସାଂସଦ ପାଣ୍ଠି ମଧ୍ୟ ପ୍ରଦାନ କରୁଥିଲେ। ନିଜର ରାଜନୈତିକ ଜୀବନ କଂଗ୍ରେସ ଦଳରୁ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବିଜୁ ପଟ୍ଟନାୟକ ଓ ତାଙ୍କର ଦେହାନ୍ତ ପରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରିଥିଲେ। କିନ୍ତୁ ତାଙ୍କୁ କିମ୍ବା ତାଙ୍କ ପୁଅକୁ ଦଳୀୟ ଟିକେଟ ନମିଳିବା କାରଣରୁ ସେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରି ବିଜେଡି ଛାଡି ବିଜେପିରେ ସାମିଲ ହୋଇସାରିଛନ୍ତି। ସେହିପରି ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିକୁ ଆସିଥିବା ରଘୁନାଥ ମହାନ୍ତିଙ୍କୁ ବିଜେଡି କୋଣଠେସା କରି ଦଳୀୟ ଟିକେଟ୍ ନଦେବାରୁ ସେ ଉଠାଜଳସେଚନ ନିଗମର ଅଧ୍ୟକ୍ଷ ପଦ ତଥା ବିଜେଡିର ପ୍ରାଥମିକ ସଦସ୍ୟ ପଦ ତ୍ୟାଗ କରି ଦଳର କଟୁ ସମାଲୋଚନା କରିଛନ୍ତି। ଏ ବାବଦରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ବିଜେଡି ପ୍ରାର୍ଥୀ ହୋଇଥିବା ସଦର ବିଧାୟକ ଜୀବନ ପ୍ରଦୀପ ଦାସ କହିଲେ ଯେ ରଘୁବାବୁ ବିଜେଡିରୁ ବହୁ ସୁବିଧା ନେଇଛନ୍ତି ଓ ତାଙ୍କର ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ଦାସ ମଧ୍ୟ ଅତୀତରେ ବିଜେପି ଛାଡି ବିଜେଡିରେ ଯୋଗ ଦେଇଥିଲେ। ଏହାଛଡା ଗତ ନିର୍ବାଚନରେ ବିଜେପି ଟିକେଟରେ ନୀଳଗିରିରୁ ବିଧାନସଭା ପାଇଁ ପ୍ରାର୍ଥୀ ହୋଇଥିବା ସୁଷମା ବିଶ୍ୱାଳ ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିଲେ ହେଁ ତାଙ୍କୁ ଟିକେଟ୍ ମିଳିନାହିଁ। ଫଳରେ ତାଙ୍କୁ ହତାଶ ହେବାକୁ ପଡିଛି। କିନ୍ତୁ ନିକଟରେ ବିଜେପି ଛାଡି ବିଜେଡିକୁ ଡେଇଁଥିବା ସନ୍ତୋଷ ଖଟୁଆଙ୍କୁ ବିଜେଡି ନୀଳଗିରିରୁ ପ୍ରାର୍ଥୀ କରାଇଛି। ସେହିପରି ଟିକେଟ୍ ନମିଳିବା ଭୟରେ ବିଧାୟକ ଥିବା ସୁକାନ୍ତ ନାୟକ ଦଳରୁ ଇସ୍ତଫା ଦେଇଛନ୍ତି କିନ୍ତୁ ତାଙ୍କୁ କୌଣସି ଦଳରୁ ଟିକେଟ୍ ମିଳିନଥିବା ଜଣାଯାଏ। ଆଜିଯାଏଁ କଂଗ୍ରେସ ଦଳ ପକ୍ଷରୁ ସଦର ନିର୍ବାଚନ ମଣ୍ଡଳୀ, ନୀଳଗିରି, ସୋର, ସିମୁଳିଆ ଓ ବସ୍ତା ଅଞ୍ଚଳରୁ ପ୍ରାର୍ଥୀ ତାଲିକା ଘୋଷଣା କରିନଥିବା ବେଳେ ବସ୍ତା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ମଧ୍ୟ ପ୍ରାର୍ଥୀ ଘୋଷଣା କରିନାହିଁ। ତେବେ ଦଳ ଟିକେଟ୍ ପାଇବାର ଅଙ୍କକଷା ରାଜଧାନୀରେ ହୋଇଥିଲେ ହେଁ ଫଳ ପାଇବା ଆଶାରେ ଆଶାୟୀ ଆଶା ବାନ୍ଧି ବସିଛନ୍ତି।

ଟ୍ରାକ୍ଟର ଧକ୍କାରେ ମା' ମୃତ ଓ ପୁଅ ଗୁରୁତର

ବାଲେଶ୍ୱର (ପିଏନ୍): ସଦର ଥାନା ଅନ୍ତର୍ଗତ ରସାଲପୁର ନଦୀଗାଁ ରାସ୍ତାରେ ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ମା' ଓ ପୁଅ ରାସ୍ତାରେ ଯାଉଥିବାବେଳେ ଗୋଟିଏ ଟ୍ରାକ୍ଟର ତାଙ୍କୁ ଧକ୍କା ଦେବାରୁ ମା'ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପୁଅର ଅବସ୍ଥା ଗୁରୁତର ହୋଇଛି।

ହାତୀ ଆକ୍ରମଣରୁ ଅଳ୍ପକେ ବର୍ତିଲେ ବୃଦ୍ଧ ଦମ୍ପତି

ବାଲେଶ୍ୱର (ପିଏନ୍): ନୀଳଗିରି ସ୍ଥିତ କୁଲଡିହା ଅଭୟାରଣ୍ୟରୁ ହାତୀପଲ ଓହ୍ଲାଇ ବିଳମ୍ବିତ ରାତିରେ ଔପଦା ବ୍ଲକ ଢୋଲପୁର ଗ୍ରାମରେ ପଶି ବହୁ ଧନ ସମ୍ପତି ନଷ୍ଟ କରିଛନ୍ତି। ଏହି ହାତୀପଲ ଗ୍ରାମରେ ପଶି ଘରର କାନ୍ଥ ଭାଙ୍ଗିବା ସହ ଧାନ, ଚାଉଳ ଖାଇବା, ବାସନ କୁସନ ଏବଂ ବିଭିନ୍ନ ଆସବାପତ୍ର ନଷ୍ଟ କରିଦେଇଛନ୍ତି। ଏହା ସହ ହାତୀକୁ ଦେଖି ବୃଦ୍ଧା ଦମ୍ପତି ଘରେ କବାଟ ଦେଇ ଗ୍ରାମବାସୀଙ୍କୁ ଡାକିବାରୁ ହାତୀମାନେ ଜଙ୍ଗଲକୁ ପଳାଇ ଯାଇଥିଲେ। ଯାହାଫଳରେ ବୃଦ୍ଧା ଦମ୍ପତି ପ୍ରଭାକର ପାତ୍ର ଓ ଜେମାମଣୀ ପାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି।